# ପିଲାଙ୍କ ଧରିତ୍ରୀ

ଶନିବାର, ୨୭ ଅକ୍ଟୋବର, ୨୦୧୮

୩ ନରସିଂହ ଚୌଧୁରୀ ଉଚ୍ଚ ବିଦ୍ୟାଳୟ ଯାଜପୁର ରୋଡ





୮ ଆଇନା



୪ ତୁମ ତୂଳୀରୁ

୬ କହିଲ ଦେଖି



# ମତାମତ

■ଏଥର ପିଲାଙ୍କ ଧରିତ୍ରୀ ପ୍ରଚ୍ଛଦଟି ସମ୍ପୂର୍ଣ୍ଣ ଦଶହରା ସମ୍ପର୍କିତ ହୋଇଥିବାରୁ ପଢିବାକୁ ଖୁବ୍ ଭଲ ଲାଗିଲା।

– ଦେବାଶିଷ ସାହୁ, ଗାନ୍ଧୀନଗର, ବଲାଙ୍ଗୀର

■ତୁମ ତୂଳୀରୁ ପୃଷ୍ଠାରେ ସ୍ଥାନିତ ମା' ଦୁର୍ଗାଙ୍କର ସମସ୍ତ ଚିତ୍ର ଖୁବ୍ ସୁନ୍ଦର ଲାଗୁଥିଲା।

– ସ୍ୱାତୀ, ଶ୍ରେୟା, ଟାଙ୍ଗୀ, କଟକ

■ଦଶହରା କେଉଁଠି କେମିତି ପାଠ କରିଲି। ସବୁଠାରୁ ଆଶ୍ଚର୍ଯ୍ୟଜନକ ଥିଲା ବରଫରେ ନିର୍ମିତ ଦୁର୍ଗାମୂର୍ତ୍ତି ଏବଂ ଚକୋଲେଟ୍‌ରେ ନିର୍ମିତ ଦୁର୍ଗାମୂର୍ତ୍ତି।

– ଅନସୂୟା ଷଡଙ୍ଗୀ, ଶାନ୍ତିନଗର, ଗୁଣୁପୁର

■କବିତା ସ୍ତମ୍ଭରେ ସ୍ଥାନିତ ମା'ଦୁର୍ଗାଙ୍କ ସମ୍ପର୍କିତ କବିତା ବେଶ୍ ହୃଦୟସ୍ପର୍ଶୀ ଥିଲା। 'ଆସ ଜାଣିବା'ରୁ ଦେବୀଙ୍କ ନବଦୁର୍ଗା ରୂପ ସମ୍ପର୍କରେ ଜାଣିବାକୁ ମିଳିଲା।

– ସାର୍ଥକ ମହାପାତ୍ର, ଗୋବିନ୍ଦପୁର, ଗଞ୍ଜାମ

## ଜୀବନୀ

# ତୁଳସୀ ଦୁଇପତ୍ରରୁ ବାସେ





କଥାରେ ଅଛି "ତୁଳସୀ ଦୁଇପତ୍ରରୁ ବାସେ"। ପ୍ରାୟ ସବୁ ବଡ ବଡ ଲୋକଙ୍କ ଜୀବନରେ ଛୋଟ ବେଳୁ ଏହା ପ୍ରମାଣିତ ହୋଇଥାଏ। ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଠାରେ ଏ ସୂଚନା ମିଳିଥିଲା ଗୋଟିଏ ଘଟଣାରୁ। ସୁଭାଷଙ୍କ ଜନ୍ମ ଆମ କଟକ ସହରରେ। ତାଙ୍କ ବାପା ଜାନକୀନାଥ ବୋଷ ଏଠାରେ ଓକିଲାତି କରୁଥିଲେ। ଏଣୁ ସୁଭାଷଙ୍କ ପିଲାଦିନର ପାଠପଢା ଏଇଠି ହୋଇଥିଲା। ପିଲାଦିନୁ ସେ ଥିଲେ ବହୁତ ପରୋପକାରୀ, ଧର୍ମପରାୟଣ ଓ ନ୍ୟାୟବନ୍ତ। ଦୁଃଖୀର ଦୁଃଖ ଦେଖିଲେ ସହିପାରୁ ନ ଥିଲେ। ବିପଦରେ ପଡିଥିବା ଲୋକଙ୍କୁ ସାହାଯ୍ୟ କରିବାକୁ ସେ ଟିକେ ବି ପଛାଉ ନ ଥିଲେ।

ଥରେ କଟକରେ ହଇଜା ଲାଗିଲା। ସେତେବେଳେ ଲୋକଙ୍କର ରୋଗ ବିଷୟରେ ଧାରଣା ଖୁବ୍ କମ୍ ଥିଲା। ତାଙ୍କ ମନରେ ଭରି ରହିଥିଲା ଅନ୍ଧବିଶ୍ୱାସ। ସେମାନେ ହଇଜାକୁ କୌଣସି ଦେବଦେବୀଙ୍କ କୋପର ଫଳ ବୋଲି ବିଚାର କରୁଥିଲେ। ଏଣୁ ସେମାନେ ଏହାର ଚିକିତ୍ସା ନ କରାଇ ଗୁଣିଆ ଦ୍ୱାରା ପୂଜାପାଠ କରାଉଥିଲେ। ଫଳରେ ବହୁତ ଲୋକ ମରୁଥିଲେ। ଏଠି ତାହା ହିଁ ହେଲା। ଏହା ଦେଖି ସୁଭାଷ ତାଙ୍କର କିଛି ସାଙ୍ଗଙ୍କୁ ସାଥିରେ ନେଇ ରୋଗୀମାନଙ୍କ ସେବା କରିବାରେ ଲାଗିପଡିଲେ। ତାଙ୍କୁ ଖାଦ୍ୟ, ପାଣି ଓ ଔଷଧ ମଧ୍ୟ ଯୋଗାଇ ଦେବାରେ ଲାଗିଲେ। ସେତେବେଳେ କଟକରେ ଜଣେ ଗୁଣିଆ ଥିଲେ। ଲୋକଙ୍କର ତାଙ୍କ ଉପରେ ଥିଲା ଭାରି ବିଶ୍ୱାସ। ସେ ମଧ ମନ୍ତ୍ର ଯନ୍ତ୍ର କରି ହଇଜା ଭଲ କରିଦେବେ ବୋଲି କହି ବେଶ୍ ପଇସା ରୋଜଗାର କରୁଥିଲେ। କିନ୍ତୁ ସେଥିରେ ହଇଜାର ପ୍ରକୋପ କମିବ କିପରି?

ଏଣେ ସୁଭାଷ ଓ ତାଙ୍କ ସାଥୀମାନେ ବୁଲି ବୁଲି ଲୋକଙ୍କୁ ବୁଝାଉଥାନ୍ତି। ତାଙ୍କ ଚିକିତ୍ସାର ବ୍ୟବସ୍ଥା ମଧ୍ୟ କରୁଥାନ୍ତି। ଏହା ଦେଖି ସେ ଗୁଣିଆ ଭାରି ରାଗିଗଲେ। କାରଣ ଏହା ଫଳରେ ତାଙ୍କ ରୋଜଗାର କିଛି କମି ଯାଉଥାଏ। ଥରେ ସେ ସୁଭାଷ ଓ ତାଙ୍କ ସାଙ୍ଗମାନଙ୍କୁ ଧମକ ଦେଲେ ମନ୍ତ୍ରକରି ସେମାନଙ୍କୁ ମାରିଦେବେ ବୋଲି। ଏଣୁ ସାଙ୍ଗମାନେ ଡରିଗଲେ। ହେଲେ ସୁଭାଷ ତାଙ୍କୁ ନ ଡରିବା ପାଇଁ ବୁଝାଇଲେ। ସେ କହିଲେ "ଆମେ ତ ଲୋକଙ୍କ ସେବା କରୁଛୁ। ଏ କାମ ତ' ଭଗବାନଙ୍କ ସେବା...। ଆମକୁ ସେ ସହାୟ ହେବେ। ଏଣୁ ଆମେ ଡରିବା କାହିଁକି? ତା'ପରେ ସେମାନେ ପ୍ରାଣପଣେ ଲାଗି ଲୋକଙ୍କ ସେବା କଲେ। ଦିନେ ସେ ଗୁଣିଆ ଏକ ଦୂର ଜାଗାକୁ ଯାଇଥାନ୍ତି। ତାଙ୍କ ସ୍ତ୍ରୀ ଘରେ ଏକା ଥାଆନ୍ତି। ସେହି ସମୟରେ ସେ ହଇଜାରେ ପଡିଲେ। ତେଣୁ ସୁଭାଷ ଓ ତାଙ୍କ ସାଙ୍ଗମାନେ ତାଙ୍କ ଘରେ ଯାଇ ପହଞ୍ଚିଗଲେ। ଗୁଣିଆ ସ୍ତ୍ରୀର ସେବା ଶୁଶ୍ରୂଷା କଲେ। ସନ୍ଧ୍ୟାକୁ ଗୁଣିଆ ଆସି ଘରେ ପହଞ୍ଚି ଦେଖିଲେ ଯେ ଏମାନେ ତାଙ୍କ ସ୍ତ୍ରୀ ସେବାରେ ଲାଗିଛନ୍ତି। ଏହା ଦେଖି ସେ ଆଶ୍ଚର୍ଯ୍ୟ ହୋଇଗଲେ। ନିଜର ଭୁଲ୍ ବୁଝିପାରି ବହୁତ ଅନୁତାପ କଲେ। ତା'ପରେ ସେ ସୁଭାଷ ଓ ତାଙ୍କ ସାଙ୍ଗମାନଙ୍କୁ କ୍ଷମା ମାଗି ତାଙ୍କ ସହ ମିଶି ରୋଗୀଙ୍କ ସେବା କରିବାକୁ ଲାଗିଲେ।

**–କନକଲତା ପରିଡ଼ା,** ଉଷା ନିବାସ
୧୨୪/୨୪୪୫ ଖଣ୍ଡଗିରି ବିହାର, ଭୁବନେଶ୍ୱର

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ କରାଯାଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୭ଦିନ ମଧ୍ୟରେ ଜଣାଇବାକୁ ପଡିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟିର ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର,ନିଜ ଫଟୋ ସହ ଓଡ଼ିଆରେ ନାମ, ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**

dharitrifeature@gmail.com


## ଖି ଲି ଖି ଲି ହସ

ଦିନେ ଚମ୍ପୁ ଚାବିଟିଏ ଧରି ତା' କାନରେ ପୂରାଇ ବୁଲାଉ ଥାଏ। ଏହା ଦେଖି ତା' ସାଙ୍ଗ ପପୁ କହିଲା–ଭାଇ,ତୁ ଯଦି ଆଗକୁ ଯାଇ ପାରୁନୁ କହ ମୁଁ ପଛରୁ ଧକ୍କା ଦେବି।

ରାହୁଲ– ରାତିରେ ଯଦି ମଶା କାମୁଡେ ତେବେ କ'ଣ କରିବା ଦରକାର।
ମୁକୁଲ–ମଶା କାମୁଡିଥିବା ସ୍ଥାନକୁ କୁଣ୍ଡାଇ ପୁଣି ଶୋଇ ପଡୁଛି କାରଣ ସେତେବେଳେ ତ ମୁଁ ତାକୁ ଖୋଜି ସରି କୁହାଇପାରିବିନି।

ମମି: ମକୁଲ, ଗୋଟିଏ ପ୍ୟାକେଟ୍ କ୍ଷୀର ଆଣିବୁ, ଯଦି ଦୋକାନରେ ଅଣ୍ଡା ଦେଖିବୁ ଚାରିଟା ନେଇ ଆସିବୁ।
ମକୁଲ: କିଛି ସମୟ ପରେ ଚାରିଟା କ୍ଷୀର ପ୍ୟାକେଟ୍ ଧରି ଆସି ପହଞ୍ଚିଲା।
ମମି: ତୁ କ'ଣ ଚାରିଟା ପ୍ୟାକେଟ୍ କ୍ଷୀର ଆଣିଛୁ।
ମକୁଲ: ମା', ତୁମେ କହିଥିଲ ଯଦି ଦୋକାନରେ ଅଣ୍ଡା ଦେଖିବୁ ତେବେ ଚାରିଟା ଆଣିବୁ।

## ବିନ୍ଦୁ ଯୋଡ଼



## ଚଗଲା ଭୀମୁ




ପିଲାଙ୍କ ଧରିତ୍ରୀ

ସମ୍ପାଦକ: ତଥାଗତ ସତପଥୀ

Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers,
B-15, Rasulgarh Industrial Estate,
Bhubaneswar-10, Ph.:2549302,
Fax : 2549795

# ନରସିଂହ ଚୌଧୁରୀ ହାଇସ୍କୁଲ

## ଯାଜପୁରରୋଡ





ସୁମତି କୁମାରୀ ସାହୁ (ପ୍ରଧାନଶିକ୍ଷୟିତ୍ରୀ)

### ସଂକ୍ଷେପରେ...

- ସ୍ଥାପିତ- ୧୯୪୫
- ଶ୍ରେଣୀ- ୬ଷ୍ଠ ରୁ ୧୦ମ
- ଶିକ୍ଷୟିତ୍ରୀ/ଶିକ୍ଷକ ସଂଖ୍ୟା- ୧୩
- ଛାତ୍ରୀଛାତ୍ର ସଂଖ୍ୟା- ୪୦୦
- ପ୍ରମୁଖ ଭାଷା- ଓଡ଼ିଆ, ହିନ୍ଦୀ, ଇଂଲିଶ ଓ ସଂସ୍କୃତ

ଯାଜପୁର ଜିଲା ବ୍ୟାସନଗର ପୌର ପରିଷଦର ସର୍ବପୁରାତନ ଶିକ୍ଷାନୁଷ୍ଠାନ ହେଉଛି ନରସିଂହ ଚୌଧୁରୀ ଉଚ୍ଚ ବିଦ୍ୟାଳୟ। ରାୟବାହାଦୁର ନରସିଂହ ଚୌଧୁରୀ ୨୨ ଏକର ଜମି ଦାନ କରି ଏହି ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ। ୧୯୪୫ ମସିହାରେ ପ୍ରତିଷ୍ଠା ଲାଭ କରିଥିବା ଏହି ବିଦ୍ୟାଳୟର ଅନେକ ଛାତ୍ରୀଛାତ୍ର ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ପାଇ ଉଚ୍ଚ ପଦପଦବୀରେ ଅଧିଷ୍ଠିତ। ପାଠ ସହିତ ପିଲାମାନଙ୍କ ସର୍ବାଙ୍ଗୀନ ବିକାଶ ଉପରେ ଏଠାରେ ଗୁରୁତ୍ୱ ଦିଆଯାଇଥାଏ। ତତ୍କାଳୀନ ରାଜ୍ୟପାଳଙ୍କ ଦ୍ୱାରା ଏହି ସ୍କୁଲର ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିଲା। ଏହି ସ୍କୁଲରେ ୪୦୦ ଜଣ ଛାତ୍ରୀଛାତ୍ର ବିଦ୍ୟାଅଧ୍ୟୟନ କରୁଛନ୍ତି। ୨୦୧୫ ମସିହାରେ ଏହି ହାଇସ୍କୁଲ ପ୍ରକୃତିମିତ୍ର ପୁରସ୍କାର ଲାଭ କରିଛି। ଛାତ୍ରୀଛାତ୍ରମାନେ ବ୍ଲକଠାରୁ ଆରମ୍ଭ କରି ଜାତୀୟସ୍ତରୀୟ ବିଭିନ୍ନ ପ୍ରତିଯୋଗିତା ଯଥା କଳା, ସାହିତ୍ୟ, ବିଜ୍ଞାନ ଓ କ୍ରୀଡ଼ା ଆଦିରେ ପାରଦର୍ଶିତା ହାସଲ କରି ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଛାତ୍ରୀଛାତ୍ରଙ୍କ ସର୍ବାଙ୍ଗୀନ ବିକାଶ ଲାଗି ଏଠାରେ ଇକୋ କ୍ଲବ, ସ୍କାଉଟ ଗାଇଡସ, ଜୁନିୟର ରେଡକ୍ରସ, ବିଜ୍ଞାନାଗାର, କମ୍ପ୍ୟୁଟର, ପାଠାଗାର, ଖେଳପଡିଆ ଆଦିର ସୁବିଧାସୁଯୋଗ ରହିଛି। ଏହା ବ୍ୟତୀତ ଏଠାରେ ସ୍ୱାସ୍ଥ୍ୟ ସଚେତନତା ଶିବିର, ଆତ୍ମରକ୍ଷା ଶିବିର, କୈଶୋର ଶିକ୍ଷା, କ୍ୟାରିୟର କାଉନସେଲିଂ, ପରିବେଶ ସୁରକ୍ଷା, ସ୍ୱଚ୍ଛତା, ସଡ଼କ ସୁରକ୍ଷା ଭଳି କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି।

**ରିପୋର୍ଟ: ହର୍ଷବର୍ଦ୍ଧନ ବେହେରା**



ସ୍ୱଚ୍ଛ ବିଦ୍ୟାଳୟ ଅଭିଯାନ ଅବସରରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସହ ସ୍କୁଲର ଛାତ୍ରୀଛାତ୍ର।


ଶିକ୍ଷୟିତ୍ରୀଶିକ୍ଷକଙ୍କ ସହ ସ୍କୁଲର ସ୍କାଉଟ୍ ଏବଂ ଗାଇଡ୍‌ରେ ଭାଗ ନେଇଥିବା ଛାତ୍ରୀଛାତ୍ର।

### ସ୍କୁଲର ପ୍ରତିଭା

**ନିବେଦିତା ତ୍ରିପାଠୀ** (କ୍ଲାସ୍:୧୦)
ରାଜ୍ୟସ୍ତରୀୟ ବିଜ୍ଞାନ କୁଇଜ୍ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିବା ସହ ଜିଲାସ୍ତରୀୟ ସ୍ୱଚ୍ଛଭାରତ ପ୍ରବନ୍ଧ ପ୍ରତିଯୋଗିତା ଏବଂ ସାଇନ୍ସ ସେମିନାରରେ ଅଂଶଗ୍ରହଣ କରି ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

**ଶ୍ୱେତାଲିନ୍ ଓଝା** (କ୍ଲାସ୍:୧୦)
ଜଣେ ମେଧାବୀ ଛାତ୍ରୀ। ଜିଲାସ୍ତରୀୟ ସୁରଭି କୁଇଜ୍ ପ୍ରତିଯୋଗିତାରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

**ବାପି ହାଂସଦା**(କ୍ଲାସ୍:୧୦)
ଜାତୀୟ ଆଥଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ଦ୍ୱିତୀୟ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ସୁନାମ ଆଣିଛନ୍ତି।

**ବାପୁନ୍ ହାଂସଦା**(କ୍ଲାସ୍:୧୦)
ଜାତୀୟ ଆଥଲେଟିକ୍ ଚାମ୍ପିୟନ୍‌ସିପ୍‌ରେ ପ୍ରଥମ ସ୍ଥାନ ଅଧିକାର କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି।

**ସ୍ୱପ୍ନାରାଣୀ ପରିଡା, ମୋନାଲି ପଣ୍ଡା, ପଲ୍ଲବୀ ବେହେରା, ସସ୍ମିତା ପାତ୍ର**
ଜିଲାସ୍ତରୀୟ ସ୍କାଉଟ୍ ଏବଂ ଗାଇଡ୍ କ୍ୟାମ୍ପ୍‌ରେ ଅଂଶଗ୍ରହଣ କରି ପ୍ରଥମ ସ୍ଥାନ ଅଧିକାର କରିଛନ୍ତି।

**ରାଜଲକ୍ଷ୍ମୀ ସ୍ୱାଇଁ**(କ୍ଲାସ୍:୧୦)
ଜିଲାସ୍ତରୀୟ ଆଥେଲେଟିକ୍ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।

**ଉଜ୍ଜୟନ ପୃଷ୍ଟି**(କ୍ଲାସ୍:୧୦)
ଜିଲାସ୍ତରୀୟ ଜୁନିୟର ରେଡ୍‌କ୍ରସ୍ ପ୍ରବନ୍ଧ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି।


ନିବେଦିତା ତ୍ରିପାଠୀ


ମୋନାଲି ପଣ୍ଡା


ଶ୍ୱେତାଲିନ୍ ଓଝା


ପଲ୍ଲବୀ ବେହେରା


ବାପି ହାଂସଦା


ସସ୍ମିତା ପାତ୍ର


ବାପୁନ୍ ହାଂସଦା


ରାଜଲକ୍ଷ୍ମୀ ସ୍ୱାଇଁ


ସ୍ୱପ୍ନାରାଣୀ ପରିଡା



ଉଜ୍ଜୟନ ପୃଷ୍ଟି

# ତୁମ ତୂଳୀରୁ


୧


୨


୩



୪


୫


୬


୭


୮


୯


୧୦

୧

ନିର୍ଲିପ୍ତା ପଣ୍ଡା
କ୍ଲାସ-୫, ଡି.ଏମ୍.
ପବ୍ଲିକ୍ ସ୍କୁଲ,
ଭୁବନେଶ୍ୱର

୨

ପ୍ରୀତି ଦିପ୍‌ସା ସାହୁ
କ୍ଲାସ-ୟୁକେଜି,
ଆଇଟିବିପି ପବ୍ଲିକ୍ ସ୍କୁଲ,
ତରତୁଆ, ଖୋର୍ଦ୍ଧା

୩

ଅୟସ୍‌କାନ୍ତ ପତି
କ୍ଲାସ - ୨, ଡି.ଏ.ଭି.ପବ୍ଲିକ୍
ସ୍କୁଲ, ପୋଖରୀପୁଟ,
ଭୁବନେଶ୍ୱର

୪

ପ୍ରତୀକ୍ଷା ସାମନ୍ତରାୟ
କ୍ଲାସ-୫, ଡି.ଏ.ଭି.ପବ୍ଲିକ୍
ସ୍କୁଲ,ପୁରୀ

୫

ପ୍ରାଚୀ ପ୍ରିୟଦର୍ଶିନୀ ବରାଳ
କ୍ଲାସ୍- ୬, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ମଧୁବନ, ପୁରୀ

୬

ସାଇ ସତ୍ୟମ୍ ଦାସ
କ୍ଲାସ -୨, ସେଣ୍ଟ
ଜାଭିୟର୍ସ ହାଇସ୍କୁଲ୍,
ସତ୍ୟନଗର, ଭୁବନେଶ୍ୱର

୭

ଶୀତଲ୍ ମହାନ୍ତି
କ୍ଲାସ-୯, ସ୍ୱାମୀ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ଶିଶୁପାଳଗଡ, ଭୁବନେଶ୍ୱର

୮

ରଚିତା ପ୍ରିୟଦର୍ଶିନୀ
କ୍ଲାସ-୫, ସରସ୍ୱତୀ ଶିଶୁ
ବିଦ୍ୟାମନ୍ଦିର,
ନିମାପଡା, ପୁରୀ

୯

ସାଇଦୀପ୍ତି ମହାପାତ୍ର
କ୍ଲାସ-ଏଲ୍.କେ.ଜି.,ହୋପ୍
ଇଂଲିଶ ମିଡିୟମ୍ ସ୍କୁଲ୍,
ସୁନ୍ଦରଗାଁ, କଟକ

୧୦

ଦିବ୍ୟଙ୍କା ଅଭିସ୍ମିତା ସାହୁ
କ୍ଲାସ-୪, ସରସ୍ୱତୀ ଶିଶୁ
ବିଦ୍ୟା ମନ୍ଦିର, ବଡବଜାର,
ନିମାପଡା

କବିତା

## ଶିଶୁଟିଏ ହସୁଥାଏ



ଫୁଲଟିଏ ହସୁଥାଏ,
ପତରଙ୍କ ମେଳରେ
କଇଁ ପଦ୍ମ ହସୁଥାନ୍ତି,
ସରସୀର ଜଳରେ ।
ଜହ୍ନମାମୁ ହସୁଥାଏ,
ତାରକାଙ୍କ ମେଳରେ,
ସୂରୁଯ ଦେବତା ହସେ
ବଉଦର ତଳରେ ।
ହସୁଥାନ୍ତି କଳାକାହ୍ନୁ
ଭକତଙ୍କ ମେଳରେ,
ଘଣ୍ଟ,ଘଣ୍ଟା, ଶଙ୍ଖ ସବୁ
ବାଜୁଥାଏ ତାଳରେ ।
ଶରତ ଆସଇ ଯେବେ,
କାଶତଣ୍ଡୀ ହସେରେ,
ଝରିଯାଏ ସେଫାଳିତ,
ମାଟି ମାଆ ବୁକୁରେ ।
ହସଇ ଚପଳା ଯଦି
ଆକାଶର କୋଳରେ,
ଘଡ଼ଘଡ଼ି କାହୁଁ ଥାଏ,
ତା' ପଛରେ ଆସେରେ ।
ଚାଷୀ ଭାଇ ହସୁଥାଏ,
ଅମଳର ବେଳରେ,
ଶିଶୁଟିଏ ସଦା ହସେ,
ଥାଇ ମାଆ କୋଳରେ ।

–ଡ. ଜ୍ୟୋତିର୍ମୟୀ ମହାନ୍ତି
ବାଗସାହି, ଜଗତ୍‌ସିଂହପୁର

## ବଜାରେ ଢୋଲ

ବଜାରେ ଢୋଲ
ବଜା ମହୁରି ବଜା ବାଇଦ
କେଁ କଟର କେଁ କଟର
ବେଙ୍ଗୁଲୀ ନାନୀ କରେ ଶବଦ ।
ଚମ୍ପେଇ ନେଉଳ
ହେଉଛି ଖୁସି
କୁନି ପୁଅ ତା'ର
ପାଠ ପଢୁଛି ବସି ।
ମାଙ୍କଡ଼ ଅଜା ମାଷ୍ଟର ସାଜି
ଧରିଛି ବାଡ଼ି
କୁନି ନେଉଳ ଡରିଯାଉଛି
ଖସି ପଡ଼େ ତା ସିଲଟ ଖଡ଼ି ।
ଗୁଣ୍ଡୁଚି ପୁଅଟି ତା'ର
ହୋଇଛି ସାଙ୍ଗ
ଝୁମୁକା ନାଇ ବିଲେଇ
ଦେଖାଇ ରଙ୍ଗ ।
ହାତୀ ଭାଇନା ଇସ୍କୁଲର
ହେଡ ମାଷ୍ଟର
ପିଲାମାନଙ୍କର ଦୁଷ୍ଟାମି ଦେଖି
ସେ ଖାଏ ଚକ୍କର ।
ବଜାରେ ଢୋଲ
ବଜା ମହୁରୀ ବଜା ବାଇଦ
କେଁ କଟର କେଁ କଟର
ବେଙ୍ଗୁଲୀ ନାନୀ କରେ ଶବଦ ।



–ସ୍ନେହଲତା ଦାସଲେଙ୍କା
ଝାରପଡା, ଭୁବନେଶ୍ୱର

## କହିଲା ଦେଖି


୧) ମଣିଷ ନୁହେଁ ଜଗେମୁଁ ଘର
ମାଲିକ କୁଆଡେ ଗଲେ
ମୋତେ ଛାଡିକି ସାଥୀକୁ ମୋର
ସାଙ୍ଗରେ ଧରିବୁଲେ ।
ଘରକୁ ଜଗି ରହିଥାଏ ମୁଁ
କାହାକୁ ଛାଡେ ନାହିଁ
ସାଥୀର ସ୍ୱର୍ଶ ପାଇଲା ପରେ
ମାଲିକ ଚିହ୍ନେ ମୁହିଁ ।


**ଉ– ତାଲା**



୨) ପ୍ରଥମ ଅକ୍ଷର ଅଲଗା କରିଲେ
ଆମ ଜନ୍ମଦାତ୍ରୀ ସାଜେ
ଦ୍ୱିତୀୟ ତୃତୀୟ କରିଲେ ଯୋଗ
ଛିଡା ହେବାକୁ ବୁଝେ ।

**ଉ– ମାଠିଆ**





୩) ଫଳ ଉପର କଣ୍ଟକିତ
ଭିତର ସ୍ୱାଦିଷ୍ଟ ଭାରି
ସେଥିରୁ ଯେଉଁ ମଞ୍ଜି ବାହାରେ
ହୁଏ ସେ ତରକାରି ।

**ଉ– ପଣସ**

୪) ପଙ୍କରୁ ଅଟେ ଜନ୍ମ ତାହାର
ପାଣିରେ ଶୋଭା ପାଏ
ଦୁନିଆଁ ତାକୁ ପ୍ରେମିକା କୁହେ
ଜହ୍ନକୁ ଚାହିଁ ରୁହେ ।


**ଉ– କଇଁ**



–ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର,ଉତ୍ତରକୂଳହାଟ,ପ୍ରୀତିପୁର, ଯାଜପୁର
ମୋ: ୮୮୯୨୩୦୧୧୪୩

ଆସ ଜାଣିବା

## ଚମକୁଥିବା ଗୁମ୍ଫା



ନ୍ୟୁଜିଲାଣ୍ଡର ନର୍ଥ ଆଇଲାଣ୍ଡଠାରେ ଏକ ଅଦ୍ଭୁତ ଗୁମ୍ଫା ରହିଛି, ଯାହାର ଛାତ ଆକାଶର ତାରା ସଦୃଶ ସର୍ବଦା ଚମକୁଥାଏ । ଏହି ଚମକୁଥିବା ଗୁମ୍ଫାର ନାଁ ରହିଛି 'ୱେଟୋମୋ ଗ୍ଲୋୱାର୍ମ ଗୁମ୍ଫା' । ଏହି ଗୁମ୍ଫାରେ ପ୍ରବେଶ କରିବାମାତ୍ରେ ଦେଖାଯାଏ ଏହାର ଛାତରେ ଛୋଟଛୋଟ ନୀଳ ଆଲୁଅର ମାଳ ଝୁଲୁଛି କିନ୍ତୁ ପ୍ରକୃତରେ ସେ ସବୁ ଜୁଳୁଜୁଳିଆ ପୋକ ଭଳି କୀଟ । ଏହି କୀଟ ରାସାୟନିକ ପ୍ରକ୍ରିୟା ଦ୍ୱାରା ନିଜ ଶରୀରରୁ ନୀଳ ଆଲୋକ ଉତ୍ପନ୍ନ କରିଥାନ୍ତି । ଏହି ଆଲୋକ ଦ୍ୱାରା ସେମାନେ ଶିକାରକୁ ନିଜଆଡେ ଆକୃଷ୍ଟ କରିଥାନ୍ତି । ଏହି ଗୁମ୍ଫାର ଛାତରୁ ଓହଳିଥିବା ଚୂନାପଥରରେ ଏମାନେ ନିଜର ଜାଲ ବୁଣିଥାନ୍ତି । ଏହି କୀଟଗୁଡିକର ସଂଖ୍ୟା ଏତେ ଅଧିକ ଥାଏ ଯେ ଏହା ସଂପୂର୍ଣ୍ଣ ଗୁମ୍ଫାର ଛାତକୁ ଆଚ୍ଛାଦିତ କରି ରଖିଥାଏ । ତେବେ ଏହି ଗୁମ୍ଫାର ମନୋରମ ଦୃଶ୍ୟକୁ ଉପଭୋଗ କରିବା ପାଇଁ ପ୍ରତିବର୍ଷ ପର୍ଯ୍ୟଟକଙ୍କ ଭିଡ ଏଠାରେ ଦେଖିବାକୁ ମିଳେ ।

ରଙ୍ଗ ଦିଅ



## ଏଥରର ପ୍ରଶ୍ନ ?

କେଉଁଠାରେ ଅବସ୍ଥିତ?

* ମକ୍କା ମଦିନା –
* ଲିନିଙ୍ଗ ଟାୱାର ଅଫ୍ ପିସା –
* ପିରାମିଡ୍ ଅଫ୍ ଗିଜା –
* ଷ୍ଟାଚୁ ଅଫ୍ ଲିବର୍ଟି–
* ବିଗ୍ ବେନ୍ ୱାଚ୍ ଟାୱାର–
* ନାଏଗ୍ରା ଜଳପ୍ରପାତ–
* ଏଫଲ ଟାୱାର–

## ଆରଥରର ଉତ୍ତର

* ଆଶ୍ୱିନ
* ମହୀଷାସୁର
* ସିଂହ
* ବିଜୟା ଦଶମୀ
* ଦୁର୍ଗା




## ଜଣା ଅଜଣା

**କୁଡୋ :** ଜାପାନର ଡ.ଜିଗାରୋ କାନୋଙ୍କ ଦ୍ୱାରା ୧୮୮୨ରେ ଜୁଡୋ ଖେଳର ଉଦ୍ଭାବନ କରାଯାଇଥିଲା । ୧୯୬୪ରେ ଏହି ଖେଳକୁ ଅଲିମ୍ପିକ୍ସରେ ସାମିଲ କରାଗଲା ।



**ସ୍ପାଇସ୍ ଗାର୍ଡେନ :** କେରଳକୁ ଭାରତର ସ୍ପାଇସ୍ ଗାର୍ଡେନ ବା ମସଲା ଉଦ୍ୟାନ ବୋଲି କୁହାଯାଏ । କାରଣ ଏହି ରାଜ୍ୟରେ ସର୍ବାଧିକ ମସଲା ଚାଷ କରାଯାଏ ।

**ଆମାଜୋନିଆନ ରୟାଲ ଫ୍ଲାଏ କ୍ୟାଚର:** ବିପଦ ଆସିବା ଜାଣିପାରି ଆମାଜୋନିଆନ ରୟାଲ ଫ୍ଲାଏ କ୍ୟାଚର ନିଜ ଚୂଳକୁ ଉପରକୁ ଉଠାଇ ମୁଣ୍ଡକୁ ଦୁଇ ପାର୍ଶ୍ୱକୁ ହଲାଇବା ଆରମ୍ଭ କରିଥାଏ ।






**ଡାକ ସେବା :** ଆମ ଦେଶରେ ପ୍ରଥମେ ଡାକ ସେବା ୧୭୬୪ରେ ଇଷ୍ଟଇଣ୍ଡିଆ କମ୍ପାନୀ ଦ୍ୱାରା ଆରମ୍ଭ କରାଯାଇଥିଲା ।

**ନୂଆ ପ୍ରଜାତିର ଶାଙ୍କୁଚ:** ବ୍ରାଜିଲର ଟୋକାନ୍‌ଟିନ୍ସ ନଦୀରେ ଏକ ନୂତନ ପ୍ରଜାତିର ଶାଙ୍କୁଚ ଆବିଷ୍କାର କରାଯାଇଛି । ସାଢେ ତିନି ଫୁଟ ପ୍ରସ୍ଥ ବିଶିଷ୍ଟ ହଳଦିଆ ଚିହ୍ନ ଥିବା ଏହି ଶାଙ୍କୁଚର ନାଁ ରହିଛି 'ପୋଟାମୋଟ୍ରିଗନ୍' ।





**ରେନ୍‌ବୋ ମାଉଣ୍ଟେନ୍:** ପେରୁର ମାଣ୍ଟାନା ଡିସିଏଟ୍ ପର୍ବତ ସମୁଦ୍ର ପତ୍ତନଠାରୁ ୫୨୦୦ ମିଟର ଉଚ୍ଚରେ ଅବସ୍ଥିତ । ଏହି ପର୍ବତ ରେନ୍‌ବୋ ମାଉଣ୍ଟେନ ଭାବେ ଖ୍ୟାତ । କାରଣ ବର୍ଷର ଆଠ ମାସ ଏହି ପାହାଡଟିର ରଙ୍ଗ ଇନ୍ଦ୍ରଧନୁର ସାତ ରଙ୍ଗ ପରି ଦେଖାଯାଏ ।



# ଝରଣାର ମୂର୍ଚ୍ଛନା

**ନିକୁଞ୍ଜ ବିହାରୀ ସାହୁ**


ଜଙ୍ଗଲରେ ବୁଲୁ ବୁଲୁ ଯେବେ ମନୁଷ୍ୟ ହୁଏ କ୍ଲାନ୍ତ, ସେତେବେଳେ କୌଣସି ଝରଣାର ଦର୍ଶନ ତା' ମନରେ ଆଶାର ଆନନ୍ଦ ଭରିଦିଏ । ଝରଣାର କୁଳୁ କୁଳୁ ଅକୁହା ଭାଷା ବୁଝିବାକୁ ଚେଷ୍ଟା କରୁ କରୁ ମନରେ ଅନେକ ପ୍ରଶ୍ନ ଉଙ୍କିମାରେ । ଅଧିକାଂଶ ବର୍ଷାଜଳ ନଦୀ, ନାଳ ଇତ୍ୟାଦି ଆକାରରେ ଭୂପୃଷ୍ଠରେ ବହି ଯାଉଥିବାବେଳେ ଅଳ୍ପ କିଛି ମୃତ୍ତିକା ଓ ଉଦ୍ଭିଦମାନଙ୍କ ଦ୍ୱାରା ଶୋଷିତ ହୁଏ । ଆଉ କିଛି ଜଳ ପୃଥିବୀ ଅଭ୍ୟନ୍ତରର ବିଭିନ୍ନ ଶିଳାସ୍ତର ଭେଦକରି ନିମ୍ନକୁ ଯାଏ । ଏହାହିଁ ଭୂତଳ ଜଳ । ଖଡ଼ି ପଥର, ମାଙ୍କଡ଼ା ପଥର ଇତ୍ୟାଦି ଶିଳାରେ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର ଛିଦ୍ର ଥିବାରୁ ଜଳ ସେଗୁଡ଼ିକୁ ସହଜରେ ଭେଦ କରି ଯାଇପାରେ । ମାତ୍ର ଚୂନ ପଥର ଓ ଗ୍ରାନାଇଟ୍ ଭଳି ଶିଳା ପ୍ରକୃତରେ ଅଭେଦ୍ୟ ହୋଇଥିଲେ ହେଁ ଏଥିରେ ଥିବା ଅସଂଖ୍ୟ ଫାଟ ଦେଇ ଜଳ ନିମ୍ନକୁ ଗତି କରିଥାଏ । ସୁତରାଂ ଏହିସବୁ ଶିଳାସ୍ତରକୁ ଭେଦ୍ୟ ଶିଳାସ୍ତର କହନ୍ତି । ଅନ୍ୟପକ୍ଷରେ କ୍ଲେ ଭଳି ଶିଳା ସବୁକୁ ଜଳ ଭେଦକରି ଯାଇପାରୁ ନ ଥିବାରୁ ଏଗୁଡ଼ିକୁ ଅଭେଦ୍ୟ ଶିଳାସ୍ତର କୁହାଯାଏ ।

ମୃତ୍ତିକା ଭେଦକରି ଯାଉଥିବା ନିମ୍ନମୁଖୀ ଜଳ ଘଟଣାକ୍ରମେ ତା' ଗତିପଥରେ ଅଭେଦ୍ୟ ଶିଳାସ୍ତର ପାଇଲେ ଆଉ ତଳକୁ ଯାଇ ନ ପାରି ସେଠାରେ ଜମାହୋଇ ରହେ । ଅଭେଦ୍ୟ ଶିଳାସ୍ତର ଉପରେ ଥିବା ଭେଦ୍ୟ ଶିଳାସ୍ତରର ଅସଂଖ୍ୟ ଛିଦ୍ର, ଫାଙ୍କ ଓ ଫାଟରେ ଯଥେଷ୍ଟ ଜଳ ସଞ୍ଚିତ ହୋଇ ରହିପାରେ । ସୁତରାଂ ଭୂମି ତଳେ ମଧ୍ୟ ନଦୀ କିମ୍ବା ହ୍ରଦ ଭଳି ଜଳର ବିଶାଳ ଭଣ୍ଡାର ଗଚ୍ଛିତ ଥାଏ । ଏହି ଭୂତଳ ଜଳର ଉପର ଅଂଶକୁ ଜଳପୃଷ୍ଠ କହନ୍ତି । କୌଣସି ସ୍ଥାନରେ କୂପ କିମ୍ବା ନଳକୂପ ଖୋଳିଲେ ଅତି କମ୍‌ରେ ଏହି ଜଳପୃଷ୍ଠ ପର୍ଯ୍ୟନ୍ତ ହିଁ ଖୋଦନ କରିବାକୁ ପଡ଼ିଥାଏ । ବାୟୁ ପ୍ରବାହ ଭଳି ବିଭିନ୍ନ କାରଣରୁ ମୃତ୍ତିକା କ୍ଷୟ ଯୋଗୁ ଏହି ଜଳପୃଷ୍ଠ ପଦାକୁ ବାହାରି ଆସିଲେ ସେଠା ଭୂତଳ ଜଳ ଝରିଆସି ନଦୀ, ନାଳ, ଝର ଇତ୍ୟାଦି ଆକାରରେ ଭୂପୃଷ୍ଠରେ ଆତ୍ମପ୍ରକାଶ କରେ । ଆହୁରି ମଧ୍ୟ, ଗୋଟିଏ ଗୋଟିଏ ସ୍ଥାନ ଦେଖାଯାଏ ଯେ, ଚତୁଃପାର୍ଶ୍ୱରେ ଜଳର କୌଣସି ଉତ୍ସ ନ ଥାଇ ସୁଦ୍ଧା ସ୍ଥାନଟି କିନ୍ତୁ ସର୍ବଦା ଓଦା ଓ ସନ୍ତସନ୍ତିଆ ରହିଥାଏ । ଏଠାରେ ମଧ୍ୟ ଉନ୍ମୁକ୍ତ ଜଳପୃଷ୍ଠ ଏହି ଅଜ୍ଞାତ ଜଳ ଉତ୍ସର କାରଣ ।

ଅନ୍ୟ କୌଣସି ସ୍ଥାନରେ ଉପରେ ଓ ତଳେ ବିସ୍ତୃତ ଦୁଇଧାଡ଼ି ଅଭେଦ୍ୟ ଶିଳାସ୍ତର ମଧ୍ୟରେ ଭୂତଳ ଜଳ ଚାପିହୋଇ ରହିଯାଏ । ତେଣୁ କୂଅ ଖୋଳିଲେ କିମ୍ବା ଭୂଚଳନ ଜନିତ ପ୍ରାକୃତିକ କାରଣରୁ ଉପରିସ୍ଥ ଅଭେଦ୍ୟ ଶିଳାସ୍ତରରେ ଫାଟ ସୃଷ୍ଟି ହେଲେ ଜଳ ବେଗରେ ପିଚିକି ପଦାକୁ ବାହାରିଆସେ । ସେଥିପାଇଁ ଅନେକ କୂପ, ନଳକୂପରୁ ଜଳ ଛାଏଁ ଛାଏଁ ନିର୍ଗତ ହେବାର ଦେଖାଯାଏ । ଭୂଗର୍ଭସ୍ଥ ଶିଳାସ୍ତରରେ ଅନେକ ଭାଙ୍ଗ ଥିବାରୁ ଭୂମି ତଳେ ତଳେ ଜଳପୃଷ୍ଠର ବିସ୍ତାର ଅତ୍ୟନ୍ତ ଅନିୟମିତ ଓ ବୈଚିତ୍ର୍ୟମୟ ହୋଇଥାଏ । ବେଳେବେଳେ ଏହା ଭୂଅଭ୍ୟନ୍ତରର ବହୁ ଗଭୀରକୁ ବିସ୍ତୃତ ହୋଇଥାଏ ତ ପୁଣି ସ୍ଥଳ ବିଶେଷରେ ଭୂମିର ଅତି ନିକଟରେ ରହିଥାଏ । ପୁଣି କେଉଁଠି ଅବା ଏହା ଅତ୍ୟୁଚ୍ଚ ପାହାଡ଼ ମଧ୍ୟଦେଇ ଅତିକ୍ରମ କରିଥାଏ । ପୁନଶ୍ଚ, ଭୂଚଳନଜନିତ କାରଣରୁ ଶିଳାସ୍ତରରେ ଫାଟ ସୃଷ୍ଟିହୋଇ ଶିଳାସ୍ତରକୁ ଉର୍ଦ୍ଧ୍ୱକୁ ନିକ୍ଷେପ କରେ । ଏହିସବୁ କାରଣରୁ ସୁଉଚ୍ଚ ପାହାଡ଼ ପର୍ବତ ମଧ୍ୟଦେଇ ଜଳପୃଷ୍ଠର ବିସ୍ତୃତି ବିଜ୍ଞାନରେ ବିଚିତ୍ର ନୁହେଁ । ପାହାଡ଼ ମଧ୍ୟସ୍ଥ ଏହି ଲୁକ୍କାୟିତ ଜଳପୃଷ୍ଠର ଉପରିସ୍ଥ ଅଭେଦ୍ୟ ଶିଳାସ୍ତରରେ କୌଣସି କାରଣରୁ ଫାଟ ସୃଷ୍ଟି ହେଲେ ଜଳପୃଷ୍ଠ ଉନ୍ମୁକ୍ତ ହୋଇ ଜଳ ନିର୍ଗତ ହୁଏ । ଏହାକୁ ହିଁ ଆମେ ଝରଣା କହିଥାଉ ।

ସ୍ଥଳ ବିଶେଷରେ ଏହି ଝରଣା ଜଳ, ପାହାଡ଼ର କିଛି ଦୂର ତଳକୁ ଯାଇ ପଥର ମଧ୍ୟରେ ପ୍ରବେଶ କରି କୁଆଡ଼େ ଅଦୃଶ୍ୟ ହୋଇଯାଏ ଓ କିଛି ଦୂର ତଳକୁ ପୁଣି ଆତ୍ମପ୍ରକାଶ କରେ । ପୁଣି କେଉଁ କେଉଁ ସ୍ଥାନରେ ଆଶ୍ଚର୍ଯ୍ୟଜନକ ଭାବେ ପାହାଡ଼ର ପାଦଦେଶରେ ଝରଣା ଜଳ ଭୂଗର୍ଭରେ ପ୍ରବେଶ କରି ସମ୍ପୂର୍ଣ୍ଣ ଉଭେଇଯାଏ । ପାହାଡ଼ ମଧ୍ୟରେ ଝରଣାର ଏଭଳି ଲୁଚକାଳି ଖେଳ ପ୍ରକୃତରେ ପାହାଡ଼ ଅଭ୍ୟନ୍ତରର ଅନେକ ପଥର ଫାଟ ଓ ଫାଙ୍କର ସୂଚନା ଦିଏ ।

-ଏଜୁକେଶନ ଅଫିସର୍, ଢେଙ୍କାନାଳ ବିଜ୍ଞାନ କେନ୍ଦ୍ର, ଢେଙ୍କାନାଳ



# ଆଇନା



## ଲିପ୍ସାମୟୀ

(୧୧ ବର୍ଷ)



## ଆରାଧ୍ୟା

(୫ବର୍ଷ)



## ସୋମ୍

(୫ ବର୍ଷ)